# NATIONAL NEWS BULLETIN (ODIA)
## 26th April - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ।

— ଅପରାହ୍ଣ ୩ଟା ସୁଦ୍ଧା ତ୍ରିପୁରାରେ ସର୍ବାଧିକ ୬୮ ଦଶମିକ ୯୨ ପ୍ରତିଶତ ମତଦାନ ରେକର୍ଡ଼ ।

- ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି ।

- ଇ.ଭି.ଏମ୍. ସହ ଭି.ଭି.ପାଟ୍ ରେକର୍ଡ ତଥ୍ୟର ଶତ ପ୍ରତିଶତ ପୁନଃ ଯାଞ୍ଚ କରିବା ସଂକ୍ରାନ୍ତ ଆବେଦନକୁ ଆଜି ସୁପ୍ରିମ୍ କୋର୍ଟ ଖାରଜ କରିଦେଇଛନ୍ତି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲ୍‌କାତାର ଇଡେନ୍ ଗାର୍ଡ଼େନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍‌ସ୍ ମଧ୍ୟରେ ମୁକାବିଲା ହେବ ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ମତଦାନ ପ୍ରତିଶତ ଦୃଷ୍ଟିରୁ ଅପରାହ୍ଣ ୩ଟା ସୁଦ୍ଧା ତ୍ରିପୁରା ସର୍ବୋଚ୍ଚ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ର ସର୍ବନିମ୍ନ ସ୍ଥାନରେ ରହିଥିଲା । ଅପରାହ୍ଣ ୩ଟା ସୁଦ୍ଧା ତ୍ରିପୁରାରେ ୬୮ ଦଶମିକ ୯/୨ ପ୍ରତିଶତ ମତଦାନ ହୋଇଥିବାବେଳେ ମହାରାଷ୍ଟ୍ରରେ ୪୩ ଦଶମିକ ଶୂନ ୧ ପ୍ରତିଶତ ମତଦାନ ହୋଇଥିଲା । ଅଧିକ ମତଦାନ ହୋଇଥିବା ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ମଣିପୁରରେ ୬୮ ଦଶମିକ ୪/୮ ପ୍ରତିଶତ, ଛତିଶଗଡ଼ରେ ୬୩ ଦଶମିକ ୯/୨ ପ୍ରତିଶତ, ପଶ୍ଚିମବଙ୍ଗରେ ୬୦ ଦଶମିକ ୬ ପ୍ରତିଶତ ଓ ଆସାମରେ ୬୦ ଦଶମିକ ୩/ ୨ ପ୍ରତିଶତ ମତଦାନ ରେକର୍ଡ଼ ହୋଇଥିଲା । ସେହିପରି ବିହାରରେ ଅପରାହ୍ଣ ୩ଟା ସୁଦ୍ଧା ୪୪ ଦଶମିକ ୨/୪ ପ୍ରତିଶତ, ଜମ୍ମୁ-କାଶ୍ମୀରରେ ୪୭ ଦଶମିକ ୭/୬ ପ୍ରତିଶତ, କର୍ଣ୍ଣାଟକରେ ୫୦ ଦଶମିକ ୯/୩ ପ୍ରତିଶତ, କେରଳରେ ୫୧ ଦଶମିକ ୬/୪ ପ୍ରତିଶତ, ମଧ୍ୟପ୍ରଦେଶରେ

୪୬ ଦଶମିକ ୬/୮ ପ୍ରତିଶତ, ରାଜସ୍ଥାନରେ ୫୦ ଦଶମିକ ୨/୭ ପ୍ରତିଶତ ଓ ଉତ୍ତର ପ୍ରଦେଶରେ ୪୪ ଦଶମିକ ୧/୩ ପ୍ରତିଶତ ମତଦାନ ହୋଇଥିବାର ଖବର ମିଳିଛି ।

ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୮୮ଟି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ମତଦାନ ହେଇଥିଲା । ଏହି ନିର୍ବାଚନ ମଣ୍ଡଳୀଗୁଡ଼ିକ ମଧ୍ୟରେ କେରଳର ୨୦ଟି, କର୍ଣ୍ଣାଟକର ୧୪, ରାଜସ୍ଥାନର ୧୩, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରର ୮ଟି ଲେଖାଏଁ, ମଧ୍ୟପ୍ରଦେଶର ୬ଟି, ଆସାମ ଓ ବିହାରର ୫ଟି ଲେଖାଏଁ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୩ଟି ଲେଖାଏଁ ଆସନ ଏବଂ ମଣିପୁର, ତ୍ରିପୁରା ଓ ଜମ୍ମୁ-କଶ୍ମୀରର ଗୋଟିଏ ଲେଖାଏଁ ଆସନ ରହିଛି ।

ମଧ୍ୟପ୍ରଦେଶର ବେତୁଲ (ଏସଟି) ସଂସଦୀୟ କ୍ଷେତ୍ର ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ବେଳେ ବିଏସପି ପ୍ରାର୍ଥୀଙ୍କ ଦେହାନ୍ତ ଯୋଗୁଁ ଏହାକୁ ତୃତୀୟ ପର୍ଯ୍ୟାୟକୁ ଘୁଞ୍ଚାଇ ଦିଆଯାଇଛି ।

ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା ।

ଦେଶର ବିଭିନ୍ନ ସ୍ଥାନରୁ ଆମ ସମ୍ବାଦଦାତାମାନେ ସୂଚନା ଦେଇଛନ୍ତି, ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା । ଯୁବ ଓ ମହିଳା ଭୋଟରଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

ଆଜି ଯେଉଁ ପ୍ରମୁଖ ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ତେଜସ୍ୱୀ ସୂର୍ଯ୍ୟ, ହେମା ମାଳିନୀ, ବିଜେପିର ଅରୁଣ ଗୋଭିଲ ଓ ଓମ୍ ବିର୍ଲା ରହିଛନ୍ତି। କଂଗ୍ରେସରୁ ରାହୁଲ ଗାନ୍ଧି, ଶଶି ଥରୁର, ଡିକେ ସୁରେଶ ଏବଂ  କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚଡି କୁମାରସ୍ୱାମୀ ଅଛନ୍ତି ।

ଏହି ପର୍ଯ୍ୟାୟରେ ମଣିପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୪ ଜଣ ପ୍ରାର୍ଥୀଙ୍କ ସହ ସମୁଦାୟ ୧ ହଜାର ୨୦୨ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

ଏହି ପର୍ଯ୍ୟାୟରେ ୧ ଲକ୍ଷ ୬୭ ହଜାର ମତଦାନ କେନ୍ଦ୍ରରେ ୧୬ ଲକ୍ଷରୁ ଅଧିକ ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା । ପ୍ରାୟ ୧୬ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବାକୁ ଥିବାବେଳେ ୩୫ ଲକ୍ଷ ମତଦାତା ପ୍ରଥମ ଥର ମତଦାନ କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି।

## ପଞ୍ଚମ ପର୍ଯ୍ୟାୟ ନାମାଙ୍କନ

ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଲୋକସଭା ଆସନ ପାଇଁ

ନିର୍ବାଚନ ହେବ । ଏଥିରେ ଉତ୍ତର ପ୍ରଦେଶର ୧୪ଟି, ମହାରାଷ୍ଟ୍ରର ୧୩ଟି, ପଶ୍ଚିମବଙ୍ଗର ୭ଟି, ଓଡ଼ିଶା ଏବଂ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି ଏବଂ ଜମ୍ମୁ-କାଶ୍ମୀର ଓ ଲଦାଖର ଗୋଟିଏ ଲେଖାଏଁ ସଂସଦୀୟ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ନାମାଙ୍କନ ଦାଖଲର ଶେଷଦିବସ ମଇ ମାସ ୩ ତାରିଖ ରହିଛି । ୨୦ ତାରିଖ ଦିନ ଏହି ପର୍ଯ୍ୟାୟ ପାଇଁ ଭୋଟଗ୍ରହଣ କରାଯିବ । ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ପାଇଁ ମଧ୍ୟ ଆଜିଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି ।

## ଏସ୍.ସି.ଆଇ. - ଭି.ଭି.ପାଟ୍

ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ସହ ଭି.ଭି.ପାଟ୍ ରେକର୍ଡ ତଥ୍ୟର ଶତପ୍ରତିଶତ ପୁନଃ ଯାଞ୍ଚ କରିବା ସଂକ୍ରାନ୍ତ ଆବେଦନକୁ ଆଜି ସୁପ୍ରିମ୍ କୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି। ଏହି ମାମଲାଗୁଡ଼ିକର ଶଣାଣିପାଇଁ ଏପ୍ରିଲ ୧୮ତାରିଖକୁ ସୁପ୍ରିମାକୋର୍ଟ ସଂରକ୍ଷିତ ରଖିଥିଲେ ମଧ୍ୟ ଖଣ୍ଡପୀଠ ନିର୍ବାଚନ ଆୟୋଗଙ୍କଠାରୁ କିଛି ବୈଷୟିକ ସ୍ପଷ୍ଟୀକରଣ ଚାହୁଁଥିବାରୁ ଏହାକୁ ଏପ୍ରିଲ ୨୪ ତାରିଖ ପାଇଁ ପୁନର୍ବାର ତାଲିକାଭୁକ୍ତ କରାଯାଇଥିଲା। ନିର୍ବାଚନ

ଆୟୋଗ ଦେଇଥିବା ଉତ୍ତରକୁ ବିଚାରକୁ ନେଇ ଆଜି କୋର୍ଟ ଏହି ଆଦେଶ ଦେଇଛନ୍ତି ।

ରାୟର ସମାପ୍ତି ସମ୍ପର୍କରେ ଉଲ୍ଲେଖ କରି ଜଷ୍ଟିସ ଖାନ୍ନା କହିଛନ୍ତି ଯେ ବାଲାଟ୍ ପେପର ବ୍ୟବସ୍ଥାରେ ପୁଣି ମତଦାନ କରିବା, ଇଭିଏମ୍-ଭିଭିପାଟ୍ ପୁନଃ ଯାଞ୍ଚ କରିବା ଏବଂ ଭୋଟରଙ୍କୁ ଭିଭିପାଟ୍ ସ୍ଲିପ୍ ଦେବା ପାଇଁ ହୋଇଥିବା ଆବେଦନକୁ କୋର୍ଟ ପ୍ରତ୍ୟାଖ୍ୟାନ କରିଛନ୍ତି। ତେବେ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ଦୁଇଟି ନିର୍ଦ୍ଦେଶ ଦେଇଛନ୍ତି ।

କୋର୍ଟ କହିଛନ୍ତି, ଇଭିଏମ୍‌ରେ ଚିହ୍ନ ଲୋଡ୍ ହେବା ପରେ ସିମ୍ବଲ୍ ଲୋଡିଂ ୟୁନିଟ୍‌କୁ ସିଲ୍ କରି କଣ୍ଟେନରରେ ସୁରକ୍ଷିତ ରଖାଯିବ । ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନେ ସିଲ୍‌ରେ ଦସ୍ତଖତ କରିବେ। ଫଳାଫଳ ଘୋଷଣା ପରେ ସିଲ୍ ହୋଇଥିବା କଣ୍ଟେନରଗୁଡ଼ିକୁ ଅତି କମରେ ୪୫ ଦିନ ପର୍ଯ୍ୟନ୍ତ ଇଭିଏମ୍ ସହିତ ଷ୍ଟୋର୍ ରୁମ୍ ରେ ରଖାଯିବ। ଅନ୍ୟ ଏକ ନିର୍ଦ୍ଦେଶନାମାରେ କୁହାଯାଇଛି, ୫ ପ୍ରତିଶତ ଇଭିଏମ୍ ଯଥା କଣ୍ଟ୍ରୋଲ ୟୁନିଟ୍, ବ୍ୟାଲଟ୍ ୟୁନିଟ୍ ଏବଂ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭିଭିପାଟ୍‌ରେ ଜଳିଯାଇଥିବା ମେମୋରି ସେମି-କଣ୍ଟ୍ରୋଲରକୁ ୨ ଓ ୩ ନମ୍ବର ପ୍ରାର୍ଥୀଙ୍କ ଲିଖିତ ଅନୁରୋଧ କ୍ରମେ ଇଭିଏମ୍ ନିର୍ମାତାଙ୍କ ଏକ ଟିମ୍‌ଦ୍ୱାରା ଯାଞ୍ଚ କରାଯିବ। ଫଳାଫଳ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ଏଭଳି ଅନୁରୋଧ କରାଯିବ। ଏହିସବୁ ପ୍ରକ୍ରିୟାପାଇଁ ସମସ୍ତ ଖର୍ଚ୍ଚ ପ୍ରାର୍ଥୀ ବହନ କରିବେ ଏବଂ ଯଦି

ଇଭିଏମରେ ତ୍ରୁଟି ପରିଲକ୍ଷିତ ହୁଏ, ତେବେ ପ୍ରାର୍ଥୀଙ୍କ ଅର୍ଥରାଶି ଫେରସ୍ତ ଦିଆଯିବ ।

## ଇଣ୍ଡିଆ - ସାଉଥ୍ କୋରିଆ

ଭାରତ-ଦକ୍ଷିଣ କୋରିଆ ମଧ୍ୟରେ ଆଜି ନିରସ୍ତ୍ରୀକରଣ ଏବଂ ଅସ୍ତ୍ରଶସ୍ତ୍ର ପ୍ରସାର ନିୟନ୍ତ୍ରଣ କରିବା ଉପରେ ସିଓଲରେ ଆଲୋଚନା ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ପରମାଣୁ, ରାସାୟନିକ ଏବଂ ଜୈବିକ କ୍ଷେତ୍ରକୁ ନିରସ୍ତ୍ରୀକରଣ ଏବଂ ଅସ୍ତ୍ରଶସ୍ତ୍ର ପ୍ରସାର ନିୟନ୍ତ୍ରଣ କରିବା ନେଇ ରେଟିଂ କ୍ଷେତ୍ରରେ ବିକାଶ ସଂକ୍ରାନ୍ତରେ ଉଭୟ ପକ୍ଷ ଆଲୋଚନା କରିଛନ୍ତି। ଆଞ୍ଚଳିକ ଅଣପ୍ରସାର ପ୍ରସଙ୍ଗ, ବାହ୍ୟ ମହାକାଶ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗ, ସାମରିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା ସମେତ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଏବଂ ବହୁପକ୍ଷୀୟ ରପ୍ତାନି ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୁଆଁପୁଇ ସାଇଓ୍ୱିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଗଠିତ ହୋଇଥିଲା। ଦକ୍ଷିଣ କୋରିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଣପ୍ରସାରଣ ଓ ପରମାଣୁ ବ୍ୟାପାର ମହାନିର୍ଦ୍ଦେଶକ ୟୁନ ଜୋଙ୍ଗ କ୍ୱୋନ୍ ।

# ଟେରରିଜିମ୍ - ଜିରୋ ଟଲରାନ୍ସ

ପ୍ରତିରକ୍ଷା ସଚିବ ଗିରିଧର ଆରାମାନି ସାଙ୍ଘାଇ ସହଯୋଗୀ ସଙ୍ଗଠନ ସଦସ୍ୟ ରାଷ୍ଟ୍ରମାନଙ୍କର ସମୃଦ୍ଧି ଓ ବିକାଶ ପାଇଁ ସମସ୍ତ କ୍ଷେତ୍ରରେ ଆତଙ୍କବାଦ ବିରୋଧ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । କାଜାଖସ୍ତାନର ଆସ୍ତାନାରେ ଆୟୋଜିତ ସାଙ୍ଘାଇ ସହଯୋଗ ସଙ୍ଗଠନ ସଦସ୍ୟ ରାଷ୍ଟ୍ରମାନଙ୍କର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଶ୍ରୀ ଆରାମାନି ଏହା କହିଛନ୍ତି । ଏହି ବୈଠକରେ ସେ ସାଙ୍ଘାଇ ସହଯୋଗ ସଙ୍ଗଠନ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ନିରାପତ୍ତା ବଜାୟ ରଖିବା କ୍ଷେତ୍ରରେ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଥିଲେ । ପ୍ରତିରକ୍ଷା ସଚିବ ଜାତିସଂଘରେ ଅନ୍ତର୍ଜାତୀୟ ଆତଙ୍କବାଦ ଉପରେ ବ୍ୟାପକ ସମ୍ମିଳନୀର ଆୟୋଜନ ନେଇ ଭାରତର ଦୀର୍ଘଦିନର ପ୍ରସ୍ତାବ ସମ୍ପର୍କରେ ଆଲୋକପାତ କରିଥିଲେ । ସେ ମଧ୍ୟ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନିରାପତ୍ତା ଓ ଅଭିବୃଦ୍ଧି ସଂକ୍ରାନ୍ତ ଭାରତର ଆଭିମୁଖ୍ୟ ଉପରେ ଅବଗତ କରାଇଥିଲେ । ଏହି ବୈଠକରେ ସମସ୍ତ ସଦସ୍ୟ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନେ ଏକ ପ୍ରୋଟୋକଲ୍‌ରେ ସ୍ୱାକ୍ଷର କରିଥିଲେ । ବୈଠକ ଶେଷରେ ସଙ୍ଗଠନ ପକ୍ଷରୁ ଏକ ମିଳିତ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ଏଥିରେ ସମସ୍ତ ସଦସ୍ୟ ରାଷ୍ଟ୍ରର ମନ୍ତ୍ରୀମାନେ "ଏକ ବିଶ୍ୱ, ଏକ ପରିବାର, ଏକ ଭବିଷ୍ୟତ' ଗଠନ ଉପରେ

ଏକମତ ହୋଇଥିଲେ, ଯାହାକି ପ୍ରାଚୀନ ଭାରତର 'ବସୁଧୈବ କୁଟୁମ୍ବକମ୍' ଦର୍ଶନ ଉପରେ ପର୍ଯ୍ୟବସିତ ।

## ତୀରନ୍ଦାଜ୍ ୱାର୍ଲଡ୍ କପ୍

ଚୀନର ସାଂଘାଇଠାରେ ଚାଲିଥିବା ତୀରନ୍ଦାଜି ବିଶ୍ୱକପରେ ଜ୍ୟୋତି ସୁରେଖା ଭେନମ ଓ ଅଭିଷେକ ବର୍ମାଙ୍କ କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲ୍‌ରେ ପ୍ରବେଶ କରି ଭାରତ ପାଇଁ ଚତୁର୍ଥ ପଦକ ସୁନିଶ୍ଚିତ କରିଛନ୍ତି । ସେମିଫାଇନାଲରେ ବିଶ୍ୱର ଦ୍ୱିତୀୟ ସ୍ଥାନରେ ଥିବା ଭାରତୀୟ ଯୋଡ଼ି ମେକ୍ସିକୋର  ଆଣ୍ଡ୍ରିଆ ବେସେରା ଓ ଲୋଟ୍ ମ୍ୟାକ୍ସିମୋ ମେଣ୍ଡେଜ୍ ଓର୍ଟିଜ୍‌ଙ୍କୁ ୧୫୫-୧୫୧ରେ ପରାସ୍ତ କରିଛି। ଆସନ୍ତାକାଲି ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ଏଷ୍ଟୋନିଆକୁ ଭେଟିବେ। ଅନ୍ୟପକ୍ଷରେ  ବୁଧବାର ଫାଇନାଲରେ ପ୍ରବେଶ କରିଥିବା ମହିଳା କମ୍ପାଉଣ୍ଡ ଦଳରେ ଜ୍ୟୋତି ସୁରେଖା ମଧ୍ୟ ସଦସ୍ୟ ଅଛନ୍ତି।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ କୋଲ୍‌କାତାର ଇଡେନ୍ ଗାର୍ଡ଼େନ୍‌ରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ପଞ୍ଜାବ କିଙ୍ଗ୍‌ସ୍ ମଧ୍ୟରେ ମୁକାବିଲା ହେବ । କୋଲ୍‌କାତା ନାଇଟ୍ ରାଇଡର୍ସ ବର୍ତ୍ତମାନ ସୁଦ୍ଧା ୭ଟି ମ୍ୟାଚ୍ ଖେଳି ୫ଟି ବିଜୟ ଓ ୨ଟି ପରାଜୟ ସହ ମୋଟ୍ ୧୦ ପଏଣ୍ଟ ପାଇ ପଏଣ୍ଟ୍ ତାଲିକାର ଦ୍ୱିତୀୟ ସ୍ଥାନରେ ଥିଲାବେଳେ ପଞ୍ଜାବ୍ କିଙ୍ଗ୍‌ସ୍ ୮ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୪ ପଏଣ୍ଟ ପାଇ ପଏଣ୍ଟ୍ ତାଲିକାରେ ନବମ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍‌ସ ୧୪ ପଏଣ୍ଟ ସହ ପଏଣ୍ଟ୍ ତାଲିକାର ଶୀର୍ଷରେ ଥିବାବେଳେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୪ ପଏଣ୍ଟ ସହ ପଏଣ୍ଟ୍ ତାଲିକାର ଶେଷରେ ରହିଛି ।

*****